**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୭ • ପାଉଣ୍ଡ ୧୨୭.୧୪
- ୟୁରୋ ୧୧୦.୯୮ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୬,୧୫୦ (ଭୁବନେଶ୍ୱର)
- ରୁପା : ୩,୦୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୮୧୭.୦୦
- ନିଫ୍ଟି ୨୫,୭୭୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଆମେରିକା ସହ ବାଣିଜ୍ୟ ଚୁକ୍ତି

# ଭାରତର କିଛି ପ୍ରମୁଖ ଚିନ୍ତା

ନୂଆଦିଲ୍ଲୀ,୪।୨(ଏଜେନ୍ସି): ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିନାମା ଘୋଷଣା କରିଥିଲେ। ଏଥିର ଟ୍ରମ୍ପ ପ୍ରଶାସନ ଭାରତ ଉପରୁ ଆମେରିକାର ଶୁଳ୍କ ୧୮ ପ୍ରତିଶତକୁ ହ୍ରାସ କରିଥିଲେ। ଭାରତ ସରକାର ଏହାକୁ ଏକ ବଡ଼ ସଫଳତା କହୁଥିବାବେଳେ ବିରୋଧୀ ତୀବ୍ର ସମାଲୋଚନା କରୁଛନ୍ତି। ବାଣିଜ୍ୟ ଚୁକ୍ତି ଖବର ଆସିବା ପରେ ଭାରତ ତାର କିଛି ପ୍ରମୁଖ କ୍ଷେତ୍ରକୁ ନେଇ ଚିନ୍ତା ପ୍ରକଟ କରିଛି। ସେଗୁଡିକ ହେଉଛି, କୃଷି, ଦୁଗ୍ଧ କ୍ଷେତ୍ର ,ନନ୍-ଭେଜ୍ ମିଲ୍କ,ରୁଷରୁ ତେଲ କିଣା ଏବଂ ପ୍ରତିରକ୍ଷା କ୍ରୟ।




### କୃଷି କ୍ଷେତ୍ର

ଟ୍ରମ୍ପ କହିଛନ୍ତି ଯେ ଭାରତ ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ ଏବଂ ଅଣ-ଶୁଳ୍କ ବାଧାକୁ ଶୂନ୍ୟ କରିବ... ପ୍ରଧାନମନ୍ତ୍ରୀ ଆମେରିକାରୁ କ୍ରୟ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି, ଯେଉଁଥିରେ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଆମେରିକୀୟ ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି, କୋଇଲା ଏବଂ ଅନ୍ୟାନ୍ୟ ଅନେକ ଉତ୍ପାଦ ଅନ୍ତର୍ଭୁକ୍ତ। ଭାରତର ବିଶାଳ ବଜାରରେ ଆମେରିକୀୟ କୃଷି ଉତ୍ପାଦର ପ୍ରବେଶ ହେଲେ, ତାହା ଭାରତ ସହିତ ଆମେରିକାର କୃଷି ବାଣିଜ୍ୟ ନିଅଣ୍ଟ ହ୍ରାସ କରିବାରେ ସାହାଯ୍ୟ କରିବ। ଏକ ରିପୋର୍ଟ ଅନୁଯାୟୀ, ଭାରତରେ କୃଷି କ୍ଷେତ୍ର ସହ ଦେଶର ଅଧା ଜନସଂଖ୍ୟାବା ପ୍ରାୟ ୭୦ କୋଟି ଲୋକ ଜଡିତ। ଏହି କ୍ଷେତ୍ର ଭାରତର ମେରୁଦଣ୍ଡ ହୋଇ ରହିଛି। କୃଷି ଭାରତର ପ୍ରାୟ ଅଧା ଶ୍ରମଶକ୍ତିକୁ ନିଯୁକ୍ତି ଦିଏ, କିନ୍ତୁ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ କେବଳ ୧୫ ପ୍ରତିଶତ ଯୋଗଦାନ ଦିଏ। ବର୍ଷ ବର୍ଷ ଧରି, ଆମେରିକା ଭାରତକୁ ଏହାର କୃଷି କ୍ଷେତ୍ରକୁ ବାଣିଜ୍ୟ ପାଇଁ ଖୋଲିବା ପାଇଁ ଚାପ ପକାଇ ଆସୁଛି।

### ଦୁଗ୍ଧ କ୍ଷେତ୍ର

ଗତ ବର୍ଷ ଜୁଲାଇରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିରେ ଦୁଗ୍ଧ କ୍ଷେତ୍ର ମଧ୍ୟ ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି। ଭାରତର ଦୁଗ୍ଧ କ୍ଷେତ୍ରକୁ ଗ୍ରାମୀଣ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ଭାବରେ ବିବେଚନା କରାଯାଏ।୨୦୨୩-୨୪ ଦେଶ ୨୩୯.୨ ନିଯୁତ ଟନ୍ କ୍ଷୀର ଉତ୍ପାଦନ କରିଥିଲା। ମୋଟ କ୍ଷୀର ଉତ୍ପାଦନରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନରେ ଥିଲା। ୨୦୨୩-୨୪ ରେ ଭାରତ ୨୭୨.୬ ନିଯୁତ ଡଲାର ମୂଲ୍ୟର ୬୩,୭୩୮ ଟନ୍ କ୍ଷୀର ଉତ୍ପାଦ ରପ୍ତାନି କରିଥିଲା। ସବୁଠାରୁ ଅଧିକ ରପ୍ତାନି ୟୁଏଇ, ସାଉଦି ଆରବ, ଆମେରିକା, ଭୁଟାନ ଏବଂ ସିଙ୍ଗାପୁରକୁ ହୋଇଛି। ଭାରତରେ କ୍ଷୀର ଉତ୍ପାଦ ଆମଦାନୀ ଉପରେ ଚଢ଼ା ଶୁଳ୍କ ଲାଗୁ ହେଉଛି। ପନୀରରେ ୩୦%,ବଟର ୪୦% ଏବଂ କ୍ଷୀର ପାଉଡର ୬୦% ଶୁଳ୍କ ଲାଗୁ ହୁଏ। ଏହି କାରଣରୁ ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ଦେଶରୁ ଏହି ଉତ୍ପାଦ ଆମଦାନୀ ଲାଭଜନକ ନୁହେଁ, ଯଦିଓ ସେମାନଙ୍କର ଦୁଗ୍ଧ ଉତ୍ପାଦ ଶସ୍ତା। ଯଦି ଭାରତ ଆମେରିକୀୟ ଦୁଗ୍ଧ ଉତ୍ପାଦ ପାଇଁ ତା'ର ବଜାର ଖୋଲିବାକୁ ନିଷ୍ପତ୍ତି ନିଏ, ତେବେ ଏହା ଯଥେଷ୍ଟ କ୍ଷତି ସହିପାରେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଆମେରିକୀୟ ଦୁଗ୍ଧ ଉତ୍ପାଦକୁ ଭାରତରେ ବିକ୍ରି ଅନୁମତି ଦେବା ଦ୍ୱାରା ଭାରତୀୟ କ୍ଷୀର ମୂଲ୍ୟରେ ଅତି କମରେ ୧୫% ହ୍ରାସ ଘଟିବ, ଯାହା ଚାଷୀଙ୍କ ପାଇଁ ବାର୍ଷିକ ୧.୦୩ ଲକ୍ଷ କୋଟି ଟଙ୍କାର କ୍ଷତି ଘଟାଇପାରେ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିପାରେ।

### ପ୍ରତିରକ୍ଷା କ୍ରୟ

ଭାରତ-ଆମେରିକା ଚୁକ୍ତି ଉପରେ ନଜର ରଖୁଥିବା ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକା ଭାରତକୁ ବୋଇଂ ବିମାନ, ହେଲିକପ୍ଟର ଏବଂ ପରମାଣୁ ରିଆକ୍ଟର କିଣିବା ଲାଗି ବଡ଼ ଧରଣର ବାଣିଜ୍ୟିକ କ୍ରୟ ଚାପ ପକାଇପାରେ। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ଭାରତ ୫୦୦ ବିଲିୟନ ଡଲାର ମୂଲ୍ୟର ଆମେରିକୀୟ ଉତ୍ପାଦ କ୍ରୟ କରିବ। ବିଶେଷଜ୍ଞମାନେ ଆକଳନ କରନ୍ତି ଯେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପ୍ରତିରକ୍ଷା କ୍ଷେତ୍ରରୁ ହୋଇପାରେ। ଶକ୍ତି ବ୍ୟତୀତ, ଭାରତ-ରୁଷ ସମ୍ପର୍କରେ ପ୍ରତିରକ୍ଷା ସହଭାଗୀତା ଗୁରୁତ୍ୱପୂର୍ଣ୍ଣ। ୨୦୨୦ରୁ ୨୦୨୪ମଧ୍ୟରେ ଭାରତ ଏହାର ୩୬% ସାମରିକ ଉପକରଣ ରୁଷରୁ ଆମଦାନି କରିଥିଲା। ଏଥିସହ ୨୦୦୬-୧୦ ମଧ୍ୟରେ ଭାରତର ୮୨% ସାମରିକ ଉପକରଣ ରୁଷରୁ ଆମଦାନି ହୋଇଥିଲା। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ଯେତେବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ବର୍ଷ ଫେବୃଆରୀରେ ୱାଶିଂଟନରେ ତାଙ୍କୁ ଭେଟିଥିଲେ, ଟ୍ରମ୍ପ ଘୋଷଣା କରିଥିଲେ ଯେ ଆମେରିକା ଭାରତକୁ ଏଫ୍-୩୫ ଲଢୁଆ ବିମାନ ଯୋଗାଇବାକୁ ପ୍ରସ୍ତୁତ। ଏବେ ଭାରତ ସାମ୍ନାରେ ପ୍ରଶ୍ନ ହେଉଛି ଯେ ଆମେରିକାରୁ ଅତ୍ୟାଧୁନିକ କିନ୍ତୁ ଅତ୍ୟନ୍ତ ମହଙ୍ଗା ଏଫ୍-୩୫ କିଣିବ କି ରୁଷ ସହିତ ପ୍ରତିରକ୍ଷା ସହଯୋଗକୁ ମଜବୁତ କରିବ ଏବଂ ଘରୋଇ ସ୍ତରରେ ଏହାର ସବୁଠାରୁ ଉନ୍ନତ ଗୁପ୍ତ ଲଢୁଆ ବିମାନ, ସୁଖୋଇ ଏସ୍‌ୟୁ-୫୭ ଉତ୍ପାଦନ କରିବ। ଭାରତ ଏଫ୍-୩୫ କୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଛି। ଏହାର ମୂଲ୍ୟ ସହ ରକ୍ଷଣାବେକ୍ଷଣ ବହୁତ ମହଙ୍ଗା ଏବଂ ଏଥିରେ ଅନେକ କାର୍ଯ୍ୟକ୍ଷମ ସମସ୍ୟା ରହିଛି।

### ନନ୍‌ଭେଜ୍ ମିଲ୍କ

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିରେ ଭାରତୀୟ ଦୁଗ୍ଧ କ୍ଷେତ୍ର ସହିତ ଜଡିତ ଆଉ ଏକ ବଡ଼ ସମସ୍ୟା ହେଉଛି 'ନନ୍ ଭେଜ୍ କ୍ଷୀର'। ବିବିସିର ଏକ ରିପୋର୍ଟରେ କୁହାଯାଇଛି ଯେ ଭାରତ ସରକାର ସାଂସ୍କୃତିକ ଚିନ୍ତାଧାରାକୁ ଉଦ୍ଧୃତ କରି ଆମେରିକୀୟ ଦୁଗ୍ଧ ଉତ୍ପାଦ ଆମଦାନୀ କରିବାକୁ ମନା କରିଦେଇଥିଲେ। ଭାରତରେ ଏକ ବଡ଼ ଜନସଂଖ୍ୟା ନିରାମିଷାଶୀ। ଆମେରିକାରେ ଗୋଖାଦ୍ୟ ପଶୁ ମାଂସରୁ ପ୍ରସ୍ତୁତ। ତେଣୁ ଭାରତରେ ସେହି ଗାଈ କ୍ଷୀରକୁ ଲୋକାମନେ ଧାର୍ମିକ ବିଶ୍ୱାସ ଅନୁଯାୟୀ ବୋଲି ଶୁ ବିବେଚନା କରନ୍ତିନାହିଁ। ଏପରି ଗାଈଠାରୁ କ୍ଷୀଆସୁଥିବା ରକୁ ନନ୍-ଭେଜ୍ ମିଲ୍କ କୁହାଯାଉଛି। ସୂଚନାଯୋଗ୍ୟ ଯେ, ଆମେରିକୀୟ ଦୁଗ୍ଧ ଶିଳ୍ପରେ ଗାଈମାନଙ୍କୁ ସେମାନଙ୍କର ଓଜନ ବୃଦ୍ଧି କରିବା ପାଇଁ ପଶୁ ମାଂସ କିମ୍ବା ରକ୍ତ ଯୁକ୍ତ ଖାଦ୍ୟଥିବା ଚାରା ଦିଆଯାଏ । ସେଠାରେ ଗାଈମାନଙ୍କୁ ଘୁଷୁରୀ, ମାଛ, କୁକୁଡ଼ା, ଘୋଡା ଏବଂ ଏପରିକି ବିଲେଇ କିମ୍ବା କୁକୁର ମାଂସ ଯୁକ୍ତ ଚାରା ଦିଆଯାଏ। ଗାଈମାନଙ୍କୁ ପ୍ରୋଟିନ ପାଇଁ ଘୁଷୁରୀ ଏବଂ ଘୋଡା ରକ୍ତମିଶ୍ରିତ ଚାରା ଦିଆଯାଏ।

### ରୁଷରୁ ତେଲ କିଣା

ଟ୍ରମ୍ପ ୨୫% ପାରସ୍ପରିକ ଶୁଳ୍କ ବ୍ୟତୀତ ରୁଷ ତେଲ କ୍ରୟ ପାଇଁ ଭାରତ ଉପରେ ଅତିରିକ୍ତ ୨୫% ଦଣ୍ଡାତ୍ମକ ଶୁଳ୍କ ଲାଗୁ କରିଛନ୍ତି। ଟ୍ରମ୍ପ୍ ଭାରତକୁ ରୁଷ ତେଲ କ୍ରୟ ବନ୍ଦ କରିବାକୁ ଏବଂ ଆମେରିକାରୁ ପ୍ରତିରକ୍ଷା କ୍ରୟ ବୃଦ୍ଧି କରିବାକୁ ବାରମ୍ବାର ଆହ୍ୱାନ ଦେଇଛନ୍ତି। ଗତ ମଙ୍ଗଳବାର ଦିନ ଶୁଳ୍କ ହ୍ରାସ ଘୋଷଣା କରିବା ସମୟରେ, ଟ୍ରମ୍ପ ଏହା ମଧ୍ୟ କହିଥିଲେ ଯେ ଭାରତ ରୁଷରୁ ତେଲ କ୍ରୟ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ରାଜି ହୋଇଛି ଏବଂ ଏହା ବଦଳରେ ଆମେରିକାରୁ ଭେନେଜୁଏଲା ତେଲ କ୍ରୟ କରିବ। ଟ୍ରମ୍ପ ଅତୀତରେ ସମାନ ଦାବି କରିଛନ୍ତି, କିନ୍ତୁ ଭାରତ ସରକାର ଏ ବିଷୟରେ କେବେ ବି କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରିନାହାଁନ୍ତି। ତେବେ ରୁଷରୁ ତୈଳ କ୍ରୟ କ୍ରମାଗତ ଭାବରେ ହ୍ରାସ ପାଉଛି। ଆମେରିକା ମଧ୍ୟ ଭାରତ ଉପରେ ରୁଷ ସହିତ ସମ୍ପର୍କ ହ୍ରାସ କରିବାକୁ ଚାପ ପକାଇ ଆସୁଛି, ତେଲ କ୍ରୟ ସେଥିମଧ୍ୟରୁ ଗୋଟିଏ।

---

**ରୁଷରୁ ତେଲ କିଣିବା ପ୍ରସଙ୍ଗ**

## କ୍ରେମଲିନର ସ୍ପଷ୍ଟୀକରଣ ପରେ ଟେନ୍‌ସନ୍‌ରେ ଆମେରିକା

ନୂଆଦିଲ୍ଲୀ,୪।୨(ଏଜେନ୍ସି): ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ପରେ ରୁଷରୁ ତେଲ କିଣିବା ବନ୍ଦ କରିବାକୁ ରାଜି ହୋଇଛି କି ଭାରତ। ସେହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କିମାରିଛି। ଆମେରିକାର ଏ ନେଇ ଦାବି ଏବଂ ଚର୍ଚ୍ଚା ଭିତରେ ଏହି ପ୍ରସଙ୍ଗ ନୂଆ ମୋଡ଼ ନେଇଛି। ଆମେରିକାର ଦାବିକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛି ରୁଷ। ରୁଷୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଭାରତ ରୁଷୀୟ ଅଶୋଧିତ ତୈଳ ଉପରେ ତାର ମତ ପରିବର୍ତ୍ତନ କରିଥିବା ବିଶ୍ୱାସ କରିବାର କୌଣସି କାରଣ ନାହିଁ। ମନ୍ତ୍ରଣାଳୟ ପୁନର୍ବାର କହିଛି ଯେ ଭାରତ ଏବଂ ରୁଷ ମଧ୍ୟରେ ଶକ୍ତି ବାଣିଜ୍ୟ ଉଭୟ ଦେଶ ପାଇଁ ଲାଭଦାୟକ ଏବଂ ଅନ୍ତର୍ଜାତୀୟ ଶକ୍ତି ବଜାରରେ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରେ।

> **ଭାରତ ସହ ରଣନୈତିକ ସହଭାଗୀତା ଆଗକୁ ବଢ଼ାଇବାକୁ ପ୍ରତିବଦ୍ଧ:ରୁଷ**

ହ୍ୱାଇଟ୍ ହାଉସର ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ ଦାବି କରିଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ଆଲୋଚନା ପରେ ନୂଆଦିଲ୍ଲୀ ରୁଷୀୟ ତେଲ କ୍ରୟ ବନ୍ଦ କରିବାକୁ ଏବଂ ଆମେରିକାରୁ ଅଶୋଧିତ ତୈଳ ଆମଦାନୀ ବୃଦ୍ଧି କରିବାକୁ ରାଜି ହୋଇଛି। ଲେଭିଟ୍ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପରେ ଏହି ଚୁକ୍ତି ହୋଇଛି। ରୁଷୀୟ ବୈଦେଶିକ ମନ୍ତ୍ରଣାଳୟର ବିବୃତ୍ତି ଏବେ ଚର୍ଚ୍ଚାକୁ ଦୁଇ ଗୁଣ କରିଛି। ପୂର୍ବରୁ, ରୁଷ ରାଷ୍ଟ୍ରପତିଙ୍କ ମୁଖପାତ୍ର ଦ୍ମିତ୍ରୀ ପେସକୋଭ ମଧ୍ୟ କହିଥିଲେ ଯେ ସେ ରୁଷ ତୈଳ କ୍ରୟ ସ୍ଥଗିତ ରଖିବା ସମ୍ପର୍କରେ ଭାରତଠାରୁ କୌଣସି ଆନୁଷ୍ଠାନିକ ସୂଚନା ପାଇନାହାଁନ୍ତି। ସେ ଏହା ମଧ୍ୟ କହିଥିଲେ ଯେ ରୁଷ ଭାରତ ସହିତ ଏହାର ରଣନୈତିକ ସହଭାଗୀତାକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ। ଜାନୁଆରୀରେ ଭାରତର ରୁଷ ତୈଳ ଆମଦାନୀ ସାମାନ୍ୟ ହ୍ରାସ ପାଇଥିଲା।

---

## ଋଣ ବଢୁଛି; ଜମା ମନ୍ଥର



- ଲିକ୍ୟୁଡିଟି ନିୟମ ସରଳ କର
- ଋଣ ବୃଦ୍ଧି ପାଇଁ ଅଧିକ ପାଣ୍ଠି ଯୋଗାଇବାକୁ ଦାବି
- ଷ୍ଟକ୍ ବଜାରକୁ ଚାଲିଯାଉଛି ଘରୋଇ ସଞ୍ଚୟ
- ଆର୍‌ବିଆଇ ନିକଟରେ ବ୍ୟାଙ୍କର ଦାବି

ମୁମ୍ବଇ,୪।୨(ଏଜେନ୍ସି): ସମ୍ପ୍ରତି ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଋଣ ବୃଦ୍ଧି ତ୍ୱରାନ୍ୱିତ ହେଉଥିବାବେଳେ ଜମା ମନ୍ଥର ହେଉଛି। ଋଣ ଚାହିଦା ଜମା ଅପେକ୍ଷା ଦ୍ରୁତ ଗତିରେ ବଢୁଛି, ଯାହା ପାଣ୍ଠି ଉପରେ ଚାପ ସୃଷ୍ଟି କରୁଛି। ରିପୋର୍ଟ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ରଖିବାକୁ ଆବଶ୍ୟକ ନଗଦ କିଛି ବ୍ୟବହାର କରିବାକୁ ଆରବିଆଇକୁ ଅନୁମତି ମାଗିଛନ୍ତି। ଏହି ପ୍ରସଙ୍ଗରେ ଗତ ଦୁଇ ସପ୍ତାହ ମଧ୍ୟରେ ଆରବିଆଇ ଏବଂ ଅନେକ ବ୍ୟାଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି। ଲିକ୍ୟୁଡିଟି ନିୟମ ସରଳ କରି ଋଣ ଚାହିଦା ପୂରଣ କରିବା ନିମନ୍ତେ ଅଧିକ ପାଣ୍ଠି ଯୋଗାଇବା ପାଇଁ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଅନୁରୋଧ କରିଛନ୍ତି।

ବର୍ତ୍ତମାନ ବଢୁଥିବା ଋଣ ଚାହିଦା ବ୍ୟାଙ୍କଗୁଡ଼ିକ ଉପରେ ଚାପ ପକାଉଛି। ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାରତରେ କ୍ରୟର ବର୍ଦ୍ଧିତ ଚାହିଦା ପୂରଣ କରିବା ବ୍ୟାଙ୍କଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ପାଲଟିଛି। ଘରୋଇ ସଞ୍ଚୟ ଷ୍ଟକ୍ ବଜାରକୁ ପ୍ରବାହିତ ହେଉଛି, ଯାହା ବ୍ୟାଙ୍କଗୁଡ଼ିକ ଦ୍ୱାରା ରଖାଯାଇଥିବା ପାରମ୍ପରିକ ପାଣ୍ଠିକୁ ହ୍ରାସ କରୁଛି। ରିପୋର୍ଟ ଅନୁଯାୟୀ, ଯଦି ନଗଦ ସଂରକ୍ଷଣ ଅନୁପାତ (ସିଆର୍‌ଆର୍) ଅଧୀନରେ ରଖାଯାଇଥିବା ପାଣ୍ଠିର ଏକ ବଡ଼ ଅଂଶକୁ ତରଳତା କଭରେଜ୍ ଅନୁପାତ (ଏଲ୍‌ସିଆର୍) ଗଣନାରେ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦିଆଯାଏ, ତେବେ ବ୍ୟାଙ୍କଗୁଡ଼ିକ ଋଣ ଦେବା ପାଇଁ ଅଧିକ ପାଣ୍ଠି ଉପଲବ୍ଧ ହେବ। ଏହା ଋଣ ନେବା ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ।

ଏହା ବ୍ୟତୀତ, ବ୍ୟାଙ୍କଗୁଡ଼ିକ ସଂଶୋଧିତ ଲିକ୍ୟୁଡିଟି ନିୟମର ଶୀଘ୍ର କାର୍ଯ୍ୟକାରୀତା ବିଷୟରେ ବିଚାର କରିବାକୁ ଆର୍‌ବିଆଇକୁ ଅନୁରୋଧ କରିଛନ୍ତି। ଏହି ନିୟମଗୁଡ଼ିକ ବ୍ୟାଙ୍କଗୁଡ଼ିକୁ କମ୍ ସରକାରୀ ବଣ୍ଡ ରଖିବା ପାଇଁ ଅନୁମତି ଦେବ, ଯାହା ଋଣ ଦେବା ପାଇଁ ଅଧିକ ନଗଦ ଛାଡିବ। ସୂତ୍ର ଅନୁଯାୟୀ ଏହି ନୂତନ ନିୟମଗୁଡ଼ିକ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବାକୁ ସ୍ଥିର ହୋଇଛି। ରିପୋର୍ଟରେ କୁହାଯାଇଛି ଯେ ବ୍ୟାଙ୍କଗୁଡ଼ିକ ଚାହାଁନ୍ତି ଯେ ଆର୍‌ବିଆଇ ଭିତ୍ତିଭୂମି ବଣ୍ଡର ସର୍ବନିମ୍ନ ପରିପକ୍ୱତା ଅବଧିକୁ ୭ବର୍ଷରୁ ହ୍ରାସ କରୁ। ଏହା ବ୍ୟାଙ୍କଗୁଡ଼ିକୁ ଏହି ବଣ୍ଡ ମାଧ୍ୟମରେ ଅଧିକ ପାଣ୍ଠି ସଂଗ୍ରହ କରିବାରେ ସାହାଯ୍ୟ କରିବ।

କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ଜାନୁଆରୀ ୧୫ ସୁଦ୍ଧା ବ୍ୟାଙ୍କ ଜମା ବାର୍ଷିକ ୧୦.୬% ବୃଦ୍ଧି ପାଇଛି, ଯେତେବେଳେ ସେହି ସମୟ ମଧ୍ୟରେ ଋଣ ବୃଦ୍ଧି ୧୩.୧% ଥିଲା। ଏହି ସମୟରେ, ବ୍ୟାଙ୍କଗୁଡ଼ିକ ଦ୍ୱାରା ସ୍ୱଳ୍ପକାଳୀନ ପାଣ୍ଠି ସଂଗ୍ରହ ପାଇଁ ବ୍ୟବହୃତ ତିନି ମାସିଆ ଜମା ପ୍ରମାଣପତ୍ରର ସୁଧ ହାର ବୁଧବାର ଦିନ ୬.୯୮% ରହିଛି, ଯାହା ସମାନ ଅବଧିର ସରକାରୀ ଟ୍ରେଜେରୀ ବିଲ୍ ଉପରେ ଲାଭ ଅପେକ୍ଷା ଯଥେଷ୍ଟ ଅଧିକ।

---

## ଭାରତ ହେବ ୩୦ ଟ୍ରିଲିୟନ ଡଲାର ଅର୍ଥନୀତି: ମୁକେଶ ଅମ୍ବାନୀ



ମୁମ୍ବଇ, ୪।୨(ଏଜେନ୍ସି): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ କହିଛନ୍ତି ଯେ ଆଗାମୀ ୨୦-୩୦ ବର୍ଷ ମଧ୍ୟରେ ଭାରତ ୨୫ ରୁ ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ସମ୍ଭାବନା ରଖିଛି ଏବଂ ଏହି ସମୟ ଦେଶର ଯୁବ ପିଢ଼ି ପାଇଁ ଏକ ବଡ଼ ନିବେଶ ସୁଯୋଗ ହେବ। ମୁମ୍ବାଇରେ ଅନୁଷ୍ଠିତ ଜିଓ-ବ୍ଲାକରକ୍ କାର୍ଯ୍ୟକ୍ରମ "ଇନଭେଷ୍ଟିଂ ଫର୍ ଏ ନ୍ୟୁ ଏରା"ରେ ବ୍ଲାକରକ୍ ସିଇଓ ଲାରି ଫିଙ୍କଙ୍କ ସହିତ ଏକ ଫାୟାରସାଇଡ ଆଲୋଚନାରେ, ଅମ୍ବାନୀ ଭାରତର ବିକାଶ ଯାତ୍ରାର ଏକ ସ୍ପଷ୍ଟ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ଜିଓବ୍ଲାକରକ୍ ଇଭେଣ୍ଟରେ, ମୁକେଶ ଅମ୍ବାନୀ କହିଛନ୍ତି ଯେ ଭାରତ ପାରମ୍ପରିକ ଭାବରେ ସଞ୍ଚୟର ଦେଶ ରହିଛି, କିନ୍ତୁ ବର୍ତ୍ତମାନ ନିବେଶ କରି ଦେଶର ପ୍ରଗତିରୁ ଲାଭ ଉଠାଇବାର ସମୟ ଆସିଛି। ସଞ୍ଚୟକୁ ନିବେଶରେ ପରିଣତ କରାଯିବା ଉଚିତ। ପୁଞ୍ଜି ବଜାରରେ ସଞ୍ଚୟ ଅର୍ଥ ନିବେଶ କରିବା ଦ୍ୱାରା କେବଳ ପରିବାରର ସମ୍ପତ୍ତି ବୃଦ୍ଧି ହେବ ନାହିଁ ବରଂ ଦେଶର ଆର୍ଥିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହେବ। ଲାରି ଫିଙ୍କ୍ ମଧ୍ୟ ଏହି ବିଚାରକୁ ସମର୍ଥନ କରି କହିଥିଲେ ଯେ ଭାରତ ଭଳି ଦ୍ରୁତ ଅଭିବୃଦ୍ଧିଶୀଳ ଦେଶରେ ଦୀର୍ଘକାଳୀନ ଇକ୍ୱିଟି ନିବେଶ ସମ୍ପତ୍ତି ସୃଷ୍ଟିର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହୋଇପାରିବ। ଅମ୍ବାନୀ କହିଥିଲେ ଯେ ଭାରତର ଅଭିବୃଦ୍ଧିର ମୂଳରେ ରହିଛି ମଜଭୁତ ନୀତି, ରାଜନୈତିକ ସ୍ଥିରତା, ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ ଏବଂ ଡିଜିଟାଲ୍ କ୍ରାନ୍ତି। ୫ଜି, ଡିଜିଟାଲ୍ ଇଣ୍ଡିଆ ଏବଂ ପୁଞ୍ଜି ବଜାରର ବିସ୍ତାର ବଳରେ ଭାରତ ଦୀର୍ଘକାଳୀନ ନିବେଶ ପାଇଁ ଏକ ଆକର୍ଷକ କେନ୍ଦ୍ର ଭାବେ ଉଭା ହୋଇଛି।

---

## ଅନ୍ୟ ଏଆଇ ଟୁଲ୍‌ରୁ କରିହେବ ଚାଟ୍-ହିଷ୍ଟ୍ରି ଟ୍ରାନ୍ସଫର୍

ନୂଆଦିଲ୍ଲୀ,୪।୨(ଏଜେନ୍ସି): ଏଆଇ ୟୁଜରଙ୍କ ପାଇଁ ଖୁସି ଖବର। ଏବେ ଟ୍ରାନ୍ସଫର୍ ହୋଇପାରିବ ଚାଟ୍ ହିଷ୍ଟ୍ରି। ଗୋଟିଏ ଏଆଇ ଟୁଲରୁ ଅନ୍ୟ ଏଆଇ ଟୁଲ୍‌କୁ ଏହା ପଠାଯାଇପାରିବ। କିଛି ଏମିତି ଫିଚର୍ସ ଆଣିବାକୁ ଯାଉଛି ଗୁଗୁଲ୍ ଜେମିନି। ଚାଟ୍‌ଜିପିଟିରୁ କିପରି ଜେମିନିକୁ ଚାଟ୍ ଟ୍ରାନ୍ସଫର୍ କରିହେବ ସେନେଇ ପ୍ରୟାସ ଆରମ୍ଭ ହୋଇଛି।

**ଫାଇଦା ଦେବ ଏହି ଫିଚର୍ସ:** ଏହି ଫିଚର୍ସକୁ ଏବେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଉଛି। ଏହାକୁ ଚୂଡାନ୍ତ ରୂପ ଦିଆଯାଇ ନାହିଁ। ଏହାଦ୍ୱାରା ୟୁଜରଙ୍କୁ ବହୁତ ଫାଇଦା ହେବ। ସେମାନେ ନିଜ ପୁରୁଣା ପ୍ରୋଜେକ୍ଟ, ଚାଟ୍‌କୁ ଗୋଟିଏ ଟୁଲ୍ ରୁ ଅନ୍ୟ ଟୁଲ୍ କୁ ନେଇପାରିବେ। ଜେମିନି ୟୁଜରମାନେ ଚାଟ୍ ଜିପିଟି, କ୍ରାଇଡ୍, ଗ୍ରୋକ୍, ମାଇକ୍ରୋସଫ୍ଟ କାପିଲଟରୁ ସେମାନଙ୍କ ତଥ୍ୟକୁ ଗୁଗଲକୁ ଆଣିପାରିବେ।

ଅନ୍ୟ ଦିଗରେ ଗୁଗଲ ଆହୁରି ଅଧିକ ଫିଚର୍ସ ନିଜ ଏଆଇ ଟୁଲ୍ ରେ ସାମିଲ କରିବାକୁ ଯାଉଛି। ତିନୋଟି ନୂଆ ଫିଚର୍ସ ଉପରେ କାମ ଚାଲିଛି। ଏହା ମଧ୍ୟରୁ ଚାଟ୍ ଟ୍ରାନ୍ସଫର୍ ଅନ୍ୟତମ।

**ବାଧା ହେବନି ଗୁଗଲ:** ଏବେ କୌଣସି ପୁରୁଣା ପ୍ରକଳ୍ପକୁ ନୂଆ ଟୁଲ୍ ରେ କରିବା ପାଇଁ ଗୁଗଲ ଆଉ ବାଧା ଦେବ ନାହିଁ । ରିପୋର୍ଟ ଅନୁସାରେ, ଜେମିନିର ସେଟିଂରେ 'ଲାଇକ୍‌ନେସ୍' ନାଁରେ ଗୋଟିଏ ଅପସନ୍ ରହିବ। ଏହାପରେ ୟୁଜର ଭିଡିଓ ଭେରିଫିକେସନ୍ କରିପାରିବେ। ଅଥେଣ୍ଟିକେସନ୍ ମିଳିବା ପରେ ହିଷ୍ଟ୍ରି ଟ୍ରାନ୍ସଫର୍ ହେବ। ଏବେ ଏହି ଫିଚର୍ସ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଏହା ଲଞ୍ଚ୍ ହେଲା ପରେ ଏଥିରେ କିଛି ବଦଳି କରାଯାଇପାରେ। ଏବେ କମ୍ପାନୀ ନିଜର ଇମେଜ୍ ଜେନେରେସନରେ ନୂଆ ଡେଭେଲପମେଣ୍ଟ୍ କରିଛି। ଏହାଦ୍ୱାରା ୨କେ କିମ୍ବା ୪କେ ରିଜୋଲେସନର ଫଟୋ ଡାଉନଲୋଡ୍ କରିହେବ । ଯାହା ପ୍ରିଣ୍ଟିଂ ସମୟରେ ଉନ୍ନତ ଫଟୋ ପ୍ରଦାନ କରିପାରିବ।

---

## ଟ୍ରିଲିୟନେୟାର ହେବେ ମସ୍କ

**ସମ୍ପତ୍ତି ୯୫୦ ବିଲିୟନ ଡଲାର ପାର୍**

**ଭାରତର ଶ୍ରେଷ୍ଠ ୪୦ ଧନୀଙ୍କଠାରୁ ଅଧିକ**



ନୂଆଦିଲ୍ଲୀ,୪।୨(ଏଜେନ୍ସି): ଟେସ୍‌ଲା, ସ୍ପେସ୍‌ଏକ୍ସ ଏବଂ ଟ୍ୱିଟରର ଏଲନ୍ ମସ୍କଙ୍କ ସମ୍ପତ୍ତି ରାତିକେ ହାତୀଏ ବଢୁଛି। ମସ୍କ ବର୍ତ୍ତମାନ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ହେବାକୁ ଯାଉଛନ୍ତି। ତାଙ୍କର ସମ୍ପତ୍ତି ୯୫୦ ବିଲିୟନ ଡଲାର ପାର୍ କରିଛି। ଖୁବ୍ ଶୀଘ୍ର ତାଙ୍କ ସମ୍ପତ୍ତି ୧ ଟ୍ରିଲିୟନ୍ ଡଲାର ଛୁଇଁବ। ଭାରତୀୟ ମୁଦ୍ରାରେ ଏହା ୧ ଲକ୍ଷ କୋଟି ଡଲାର ହେବ। ଗୋଟିଏ ଦିନରେ ତାଙ୍କ ସମ୍ପତ୍ତି ୮୪ ବିଲିୟନ ଡଲାର ମାନେ ୭ ଲକ୍ଷ କୋଟି ଟଙ୍କା ବଢ଼ିଯାଇଛି। ଫୋର୍ବସ୍ ରିପୋର୍ଟ ଅନୁଯାୟୀ, ମସ୍କ ଏବେ ଇତିହାସର ସବୁଠାରୁ ଧନୀ ବ୍ୟକ୍ତି ହୋଇସାରିଛନ୍ତି। ମସ୍କଙ୍କ ସମ୍ପତ୍ତିରେ ଏହି ବୃଦ୍ଧି ତାଙ୍କର ରକେଟ୍ ତିଆରି କମ୍ପାନୀ, ସ୍ପେସ୍ ଏକ୍ସ ଏବଂ ତାଙ୍କର ଏଆଇ ଷ୍ଟାର୍ଟ ଅପ୍, ଏକ୍ସଏଆଇର ମିଶ୍ରଣ ଯୋଗୁ ହୋଇଛି। ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସଏକ୍ସ ତାଙ୍କର ଏଆଇ କମ୍ପାନୀ ଏକ୍ସଏଆଇକୁ ଅଧିଗ୍ରହଣ କରିଛି। ଏହି ଦୁଇଟି ପୂର୍ବରୁ ଅଲଗା ସଂସ୍ଥା ଥିଲେ। ଦୁହେଁ ମିଶିଯିବା ପରେ ଏକ ବୃହତ କମ୍ପାନୀ ହୋଇଛି। ଯାହାର ମୂଲ୍ୟ ୧.୨୫ ଟ୍ରିଲିୟନ ଡଲାର ବା ପ୍ରାୟ ୧୦୪ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ଏହି ମିଶ୍ରଣ ପରେ ମସ୍କଙ୍କ ମୋଟ ସମ୍ପତ୍ତିରେ ୮୪ ବିଲିୟନ ଡଲାର ବୃଦ୍ଧି ହୋଇଛି। ଫଳରେ ମସ୍କଙ୍କ ମୋଟ ସମ୍ପତ୍ତି ୯୫୦ ବିଲିଅନ ଡଲାର ଅତିକ୍ରମ କରିଯାଇଛି, ଯାହା ପାକିସ୍ତାନ, ଶ୍ରୀଲଙ୍କା ଏବଂ ନେପାଳର ଜିଡିପି ଠାରୁ ଅଧିକ ରହିଛି। ଆହୁରିମଧ୍ୟ ମସ୍କଙ୍କ ମୋଟ ସମ୍ପତ୍ତି ଭାରତର ଶ୍ରେଷ୍ଠ ୪୦ ଜଣ ଧନୀ ବ୍ୟକ୍ତିଙ୍କ ମିଳିତ ସମ୍ପତ୍ତି ସହିତ ସମାନ। ମୁକେଶ ଅମ୍ବାନୀଙ୍କ ୧୧୩.୧ ବିଲିୟନ ଡଲାର, ଗୌତମ ଆଦାନୀଙ୍କ ୬୬.୩ ବିଲିୟନ ଡଲାର, ସାବିତ୍ରୀ ଜିନ୍ଦଲ ଏବଂ ପରିବାରର ୩୬.୩ ବିଲିୟନ ଡଲାର ଏବଂ ଶିବ ନାଦରଙ୍କ ୩୬ ବିଲିୟନ ଡଲାରକୁ ମିଶାଇଲେ ତାହା ମସ୍କଙ୍କ ସମ୍ପତ୍ତିର ଏକ ତୃତୀୟାଂଶରେ ମଧ୍ୟ ପହଞ୍ଚି ପାରିବନାହିଁ।

ମସ୍କ ଏବଂ ବିଶ୍ୱର ଦ୍ୱିତୀୟ ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟବଧାନ ତିନି ଗୁଣରୁ ଅଧିକ ବୃଦ୍ଧି ପାଇଛି। ଗୁଗୁଲ୍ ସହ-ପ୍ରତିଷ୍ଠାତା ଲାରି ପେଜ୍ ୨୮୧ ବିଲିୟନ ଡଲାର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମସ୍କ ତାଙ୍କଠାରୁ ୫୭୮ ବିଲିୟନ ଡଲାର ଅଧିକ ଧନୀ ଅଛନ୍ତି। ତାଙ୍କ ସମ୍ପତ୍ତି ଯେଉଁ ହାରରେ ବଢୁଛି, ଲାଗୁଛି ସେ ଖୁବ୍ ଶୀଘ୍ର ବିଶ୍ୱର ପ୍ରଥମ ଟ୍ରିଲିୟାନିୟର (୧ ଟ୍ରିଲିୟନ ଡଲାରର ମାଲିକ) ହୋଇପାରନ୍ତି। ଫୋର୍ବ୍‌ସ ପତ୍ରିକାର ସଦ୍ୟତମ ତଥ୍ୟ ଅନୁସାରେ, ସାରା ବିଶ୍ୱରେ ୨୬୦୦ ରୁ ଅଧିକ ବିଲିୟନେୟର ଅଛନ୍ତି, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶରୁ ଅଧିକ କେବଳ ଆମେରିକାରେ ରୁହନ୍ତି। ଏଠାରେ ମୋଟ ପ୍ରାୟ ୯୦୨ ଜଣ ବିଲିୟନେୟାର ଅଛନ୍ତି। ସେମାନଙ୍କ ମଧ୍ୟରୁ ଏଲନ୍ ମସ୍କ ସବୁଠାରୁ ଆଗରେ ରହିଛନ୍ତି। ଚୀନ ଦ୍ୱିତୀୟ ସ୍ଥାନରେ ଅଛି। ଏଠାରେ ପ୍ରାୟ ୪୫୦ ଜଣ ଆରବପତି ଅଛନ୍ତି। ବାଇଟଡାନ୍ସର ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ଚୀନ୍‌ର ନମ୍ବରୱାନ ଅରବପତି। ଭାରତ ପ୍ରାୟ ୨୦୫ ଅରବପତିଙ୍କ ସହ ତାଲିକାରେ ତୃତୀୟ ସ୍ଥାନରେ ଅଛି।

